# Telephone Conversation between PM and Sultan of Oman

April 07, 2020

# ପ୍ରଧାନମନ୍ତ୍ରୀ ଏବଂ ଓମାନର ସୁଲତାନଙ୍କ ମଧ୍ୟରେ ଟେଲିଫୋନରେ କଥାବାର୍ତ୍ତା

ଏପ୍ରିଲ୍ 07, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଓମାନର ସୁଲତାନ୍ ହେଥାମ୍ ବିନ୍ ତାରିକଙ୍କ ସହିତ ଟେଲିଫୋନରେ କଥା ହୋଇଥିଲେ।

ଦୁଇ ନେତା ଚାଲୁଥିବା COVID-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ଚ୍ୟାଲେଞ୍ଜ୍ ଏବଂ ଏହାର ମୁକାବିଲା କରିବା ପାଇଁ ନିଜ ଦେଶ ଗ୍ରହଣ କରୁଥିବା ପଦକ୍ଷେପ ଉପରେ  ଆଲୋଚନା କରିଥିଲେ। ସେମାନେ ଏହି କଥାରେ ସହମତ ହୋଇଥିଲେ ଯେ ସଙ୍କଟକୁ ମୁକାବିଲା କରିବା ପାଇଁ ଉଭୟ ଦେଶ ପରସ୍ପରକୁ ସମସ୍ତ ସମ୍ଭାବ୍ୟ ସମର୍ଥନ କରିବେ।

ମାନ୍ୟବର ସୁଲତାନ ପ୍ରଧାନମନ୍ତ୍ରୀଙ୍କୁ ବର୍ତ୍ତମାନର ପରିସ୍ଥିତିରେ ଓମାନରେ ଭାରତୀୟ ସମ୍ପ୍ରଦାୟର ସୁରକ୍ଷା ଏବଂ କଲ୍ୟାଣ ବିଷୟରେ ଆଶ୍ୱାସନା ଦେଇଛନ୍ତି। ସେ ଭାରତରେ ଓମାନର ନାଗରିକମାନଙ୍କୁ ଭାରତ ସରକାର ଦ୍ୱାରା ଯୋଗାଇ ଦିଆଯାଇଥିବା ସହାୟତା ପାଇଁ ମଧ୍ୟ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ମାନ୍ୟବର ସ୍ୱର୍ଗତ ସୁଲତାନ କବୁସଙ୍କ ଦେହାନ୍ତ ପାଇଁ ସମବେଦନା ଜଣାଇଛନ୍ତି। ସେ ମାନ୍ୟବର ସୁଲତାନ ହେଥାମଙ୍କ ଶାସନସମୟ ଏବଂ ଓମାନର ଲୋକମାନଙ୍କର ଶାନ୍ତି ଏବଂ ସମୃଦ୍ଧି ପାଇଁ ନିଜର ଶୁଭେଚ୍ଛା ଜଣାଇଛନ୍ତି। ସେ ଜୋରଦେଇ କହିଛନ୍ତି ଯେ ଭାରତ ଓମାନକୁ ନିଜର ବିସ୍ତାରିତ ପଡ଼ୋଶୀର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଭାବରେ ଗ୍ରହଣ କରେ।

**ନୂଆ ଦିଲ୍ଲୀ**
**ଏପ୍ରିଲ୍ 07, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.